ଓଡ଼ିଶା ସରକାର
କୃଷି ବିଭାଗ

ସଂଖ୍ୟା : ଏନ୍‌ଜି.ଇ(ଆସୋସିଏସନ୍)47/94 : 23698 / କୃଷି, ତାରିଖ 31/7/98

ସଂକଳ୍ପ

ବିଷୟ :- କୃଷି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କୃଷି କର୍ମଚାରୀ ମାନଙ୍କର ଜିଲ୍ଲା ସ୍ତରୀୟ କ୍ୟାଡର ନିରୂପଣ ।

କୃଷି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଗ୍ରାମ କୃଷି କର୍ମଚାରୀମାନେ ରାଜ୍ୟସ୍ତରୀୟ କର୍ମଚାରୀ ଭାବେ ବିବେଚିତ ହେଉଥିଲେ ଓ ତଦନୁଯାୟୀ ସେମାନଙ୍କର ପାରସ୍ପରିକ ବରିଷ୍ଠତା ନିର୍ଦ୍ଧାରଣ କରାଯାଇ ଏକ ସାଧାରଣ ପଦକ୍ରମ ତାଲିକା ରହିଅଛି । ଏହି କର୍ମଚାରୀ ମାନଙ୍କୁ ଜିଲ୍ଲାସ୍ତରୀୟ କର୍ମଚାରୀ ଭାବେ ଘୋଷଣା କରି ତା- 27.5.86 ରେ କୃଷି ବିଭାଗ ଦ୍ୱାରା ଏକ ନିର୍ଦ୍ଦେଶନାମା ପ୍ରକାଶ କରାଯାଇ ସେମାନଙ୍କୁ ତଦନୁରୂପ ବିବେଚନା କରାଯାଉଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ଜିଲ୍ଲାସ୍ତରୀୟ କ୍ୟାଡର ନିରୂପଣ (As
ertainment) କରାଯାଇନଥିଲା । ଏ ସମ୍ପର୍କରେ ଦାଖଲ ହୋଇଥିବା ମୋକଦ୍ଦମା OA No.1548/95 ର ରାୟରେ ମାନ୍ୟବର ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଗ୍ରାମ କୃଷି କର୍ମଚାରୀମାନଙ୍କ ଜିଲ୍ଲାସ୍ତରୀୟ କ୍ୟାଡର ନିରୂପଣ ନିମିତ୍ତ ମାର୍ଗ ପ୍ରଦର୍ଶନକାରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଗ୍ରାମ କୃଷି କର୍ମଚାରୀମାନଙ୍କ ତରଫରୁ ମଧ୍ୟ ଏ ବାବଦରେ ଦାବି ହୋଇ ଆସୁଥିଲା । ଏ ସମସ୍ତ ବିଷୟ ସରକାର ଯତ୍ନର ସହିତ ବିଚାର କରି ଗ୍ରାମ କୃଷି କର୍ମଚାରୀ ମାନଙ୍କର ଜିଲ୍ଲା ସ୍ତରୀୟ କ୍ୟାଡର ନିରୂପଣ କରିବା ନିମିତ୍ତ ନିମ୍ନୋକ୍ତ ସିଦ୍ଧାନ୍ତମାନ ଗ୍ରହଣ କରୁଛନ୍ତି ।

(1) ତା-27.5.86 ତାରିଖର 19153 ନମ୍ବର ଚିଠିରେ ରାଜ୍ୟ ସରକାର ଗ୍ରାମ କୃଷି କର୍ମଚାରୀ ମାନଙ୍କୁ ଜିଲ୍ଲା ସ୍ତରୀୟ କର୍ମଚାରୀ ଭାବରେ ଘୋଷଣା କରିଥିବାରୁ ସେହି ଦିନଟିକୁ ପ୍ରତ୍ୟେକ ଜିଲ୍ଲାର କ୍ୟାଡର ନିରୂପଣ ଦିବସ ରୂପେ ବିବେଚନା କରାଯିବ ।

(2) ରାଜ୍ୟର ପୂର୍ବତନ ଅବିଭାଜିତ 13 ଟି ରାଜସ୍ୱ ଜିଲ୍ଲା ସହିତ ସମସୀମାବର୍ତ୍ତୀ (Coterminus) ହୋଇ ବର୍ତ୍ତମାନ ରାଜ୍ୟରେ 13 ଟି କୃଷି ରେଞ୍ଜ୍ ରହିଅଛି । ରେଞ୍ଜ ଦାୟିତ୍ୱରେ ଥିବା କୃଷି ଉପନିର୍ଦ୍ଦେଶକ ସଂପୃକ୍ତ ରେଞ୍ଜ୍‌ର ସମସ୍ତ ଗ୍ରାମ କୃଷି କର୍ମଚାରୀ ମାନଙ୍କର ନିଯୁକ୍ତି ଦାତା ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅଧିକାରୀ ହୋଇଥିବାରୁ ଏ କ୍ଷେତ୍ରରେ ପୂର୍ବତନ ଅବିଭାଜିତ ପ୍ରତ୍ୟେକ ଜିଲ୍ଲାକୁ କୃଷି ରେଞ୍ଜ୍ ଭାବରେ ଗ୍ରହଣ କରାଯିବ ।

(3) ତା-27.5.86 ରିଖରେ ଯେଉଁ ରେଞ୍ଜ୍‌ର ଯେତେଗୋଟି ଗ୍ରାମ କୃଷି କର୍ମଚାରୀ ପଦବୀ ଥିଲା ତାହାକୁ ସେହି ରେଞ୍ଜର କ୍ୟାଡର ସଂଖ୍ୟା ଭାବରେ ଗ୍ରହଣ କରାଯିବ । ଉକ୍ତ ତାରିଖପରେ ସଂପୃକ୍ତ ରେଞ୍ଜ୍‌ରେ ସୃଷ୍ଟି ହୋଇଥିବା ବା ସେହି ରେଞ୍ଜ୍‌କୁ ଆବଣ୍ଟିତ ହୋଇଥିବା ପଦବୀ ସଂଖ୍ୟାକୁ ସେହି ରେଞ୍ଜ୍‌ର କ୍ୟାଡର ସଂଖ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବ । ସେହି ଭଳି ଉକ୍ତ ତାରିଖ ପରେ କୌଣସି ଜିଲ୍ଲାରୁ ଅନ୍ତରଣ କରାଯାଇଥିବା ପଦବୀକୁ ସେହି ଜିଲ୍ଲାର କ୍ୟାଡର ସଂଖ୍ୟାରୁ ବାଦ୍ ଦିଆଯିବ ।

.......2

(4) ତା-27.5.86 ରିଖ ଠାରୁ କୌଣସି କୃଷି ରେଞ୍ଜରେ ନିଯୁକ୍ତି ପାଇଥିବା ଗ୍ରାମ କୃଷି କର୍ମଚାରୀଙ୍କୁ ସେହି କୃଷି ରେଞ୍ଜର କର୍ମଚାରୀ ଭାବରେ ହିଁ ଯଥା ସମ୍ଭବ ଗ୍ରହଣ କରାଯିବ ।

(5) ପ୍ରତ୍ୟେକ କର୍ମଚାରୀଙ୍କୁ କୌଣସି ଏକ କୃଷି ରେଞ୍ଜର କ୍ୟାଡ଼ର ଭୁକ୍ତ କରାଯିବା ପୂର୍ବରୁ ତାଙ୍କର ଇଚ୍ଛାଧିକାର (Option ) ସଂଗ୍ରହ କରାଯିବ । ଜଣେ କର୍ମଚାରୀ ସର୍ବାଧିକ 3 ଟି କୃଷି ରେଞ୍ଜ୍ ପାଇଁ ତାଙ୍କର ଇଚ୍ଛାଧିକାର ପ୍ରଦାନକରି ପାରିବେ । ରାଜ୍ୟ ସ୍ତରୀୟ କ୍ୟାଡ଼ରରେ ତାଙ୍କର ବରିଷ୍ଠତା ତଥା ସେ ପ୍ରଦାନ କରିଥିବା ଇଚ୍ଛାଧିକାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟମାନ ବିଚାର କରି ତାଙ୍କୁ ଯଥା ସମ୍ଭବ ତାଙ୍କର ଇପ୍ସିତ କୃଷି ରେଞ୍ଜରେ ଅନ୍ତର୍ଭୁକ୍ତ କରାଯିବ । ଯେଉଁ ସ୍ଥଳେ ତିନୋଟିଯାକ, ଇଚ୍ଛାଧିକାର ମଧ୍ୟରୁ କୌଣସିଟିକୁ ଗ୍ରହଣ କରିବା ସମ୍ଭବ ହେବ ନାହିଁ । ସେ କ୍ଷେତ୍ରରେ ତାଙ୍କୁ ତାଙ୍କର ଇପ୍ସିତ କୃଷି ରେଞ୍ଜର ସମୀପବର୍ତ୍ତୀ କୃଷି ରେଞ୍ଜରେ କିମ୍ବା ଅନ୍ୟ କୌଣସି କୃଷି ରେଞ୍ଜରେ ଅବସ୍ଥାପିତ କରାଯିବ । ଏ ବାବଦରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ନିଷ୍ପତ୍ତିକୁ ଚୂଡାନ୍ତ ବୋଲି ଧରାଯିବ । ନିର୍ଦ୍ଦେଶକଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ କର୍ମଚାରୀ ସରକାରଙ୍କୁ ଅପିଲ କରିପାରିବେ ।

(6) କୌଣସି ଏକ ନିର୍ଦ୍ଦିଷ୍ଟ କୃଷି ରେଞ୍ଜର କ୍ୟାଡ଼ର ସଂଖ୍ୟା ଠାରୁ ଅଧିକ ସଂଖ୍ୟକ କର୍ମଚାରୀ ସେହି ରେଞ୍ଜରେ ଅନ୍ତର୍ଭୁକ୍ତ ହେବାକୁ ଚାହିଁଲେ ସେ କ୍ଷେତ୍ରରେ ରାଜ୍ୟ ସ୍ତରୀୟ ବରିଷ୍ଠତା ଭିତ୍ତିରେ ବରିଷ୍ଠ କର୍ମଚାରୀ ମାନଙ୍କୁ ଇଚ୍ଛାକୃତ ରେଞ୍ଜରେ ରହିବାକୁ ପ୍ରଥମେ ସୁଯୋଗ ପ୍ରଦାନ କରାଯିବ ଏବଂ ଅପେକ୍ଷାକୃତ କନିଷ୍ଠ କର୍ମଚାରୀମାନଙ୍କୁ ସେମାନଙ୍କର ପସନ୍ଦ ଭିତ୍ତିକ ଇଚ୍ଛାଧିକାର (Preferential Option ) ଅନୁଯାୟୀ ଯଥା ସମ୍ଭବ ସେମାନଙ୍କର ଇପ୍ସିତ ଅନ୍ୟ ରେଞ୍ଜ୍ ବା ତାର ସମୀପବର୍ତ୍ତୀ ରେଞ୍ଜରେ ଅନ୍ତର୍ଭୁକ୍ତ କରାଯିବ ।

(7) କ୍ୟାଡର ନିରୂପଣ ହୋଇ ସାରିବାପରେ ଗ୍ରାମ କୃଷି କର୍ମଚାରୀ ମାନଙ୍କର ରେଞ୍ଜ୍ ସ୍ତରୀୟ ପାରସ୍ପରିକ ବରିଷ୍ଠତା (Inter-Se-Seniority ) ସେମାନଙ୍କର ରାଜ୍ୟ ସ୍ତରୀୟ ପାରସ୍ପରିକ ବରିଷ୍ଠତା ଭିତ୍ତିରେ ସ୍ଥିରୀକୃତ ହେବ ।

(8) ଆନ୍ତଃଜିଲ୍ଲା ବଦଳି ନିମିତ୍ତ ସାଧାରଣ ପ୍ରଶାସନ ବିଭାଗଙ୍କ ନିର୍ଦ୍ଦେଶାବଳୀ ଅନୁପାଳନ କରାଯିବ ।

ପ୍ରଶାସନିକ କାରଣ ଦୃଷ୍ଟିରୁ କୌଣସି ଗ୍ରାମ କୃଷି କର୍ମଚାରୀଙ୍କୁ ଆନ୍ତଃଜିଲ୍ଲା ବଦଳି କରାଯିବ ନାହିଁ ।

ସଂକଳ୍ପ ନିର୍ଗମିତ ହେବା ଦିନଠାରୁ 3 ମାସ ସମୟ ସୀମା ମଧ୍ୟରେ ସମସ୍ତ ଗ୍ରାମ କୃଷି କର୍ମଚାରୀମାନଙ୍କୁ ସେମାନଙ୍କର ଇଚ୍ଛାଧିକାର ପତ୍ର ଦାଖଲ କରିବା ପାଇଁ ସୁଯୋଗ ଦିଆଯିବ । ଏହି ସମୟସୀମା ପରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଯଥାଶୀଘ୍ର ଜିଲ୍ଲାସ୍ତରୀୟ କ୍ୟାଡର ସ୍ଥିରୀକୃତ କରିବେ । ନିର୍ଦ୍ଦିଷ୍ଟ

..........3

ସମୟସୀମା ମଧ୍ୟରେ ଇଚ୍ଛାପ୍ରକାର ପତ୍ର ଦାଖଲ ନ କରିଥିବା କର୍ମଚାରୀମାନଙ୍କୁ କୃଷି ଓ ଆଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଯେ କୌଣସି ଜିଲ୍ଲା କ୍ୟାଡର ଅନ୍ତର୍ଭୁକ୍ତ କରିବେ ।

ଆଦେଶ :- ଏହି ସଂକଳ୍ପକୁ ଓଡ଼ିଶା ଗେଜେଟ୍‌ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରାଯାଇ ସଂପୃକ୍ତ ସମସ୍ତଙ୍କ ନିକଟକୁ ପ୍ରେରଣ କରିବା ନିମିତ୍ତ ଆଦେଶ ପ୍ରଦାନ କରାଗଲା ।

ମାନ୍ୟବର ରାଜ୍ୟପାଳଙ୍କ ଆଦେଶକ୍ରମେ
ବିଜୟ କୁମାର ପଟ୍ଟନାୟକ
କମିଶନର-ତଥା- ଶାସନ ସଚିବ ।

ଜ୍ଞାପକ ସଂଖ୍ୟା : 23699 /କୃଷି, ତାରିଖ 31|୮|୯୮

ଏହାର ଏକ୍‌କିତା ନକଲ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା / ଉଦ୍ୟାନ କୃଷି ନିର୍ଦ୍ଦେଶକ, ଓଡ଼ିଶା । ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ, ଓଡ଼ିଶାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ ।

ଜ୍ଞାପକ ସଂଖ୍ୟା : 23700 / କୃଷି, ତାରିଖ 31|୮|୯୮

ଏହାର ଏକକିତା ନକଲ ସମସ୍ତ କୃଷି ଉପନିର୍ଦ୍ଦେଶକ/ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ/ ମୃତ୍ତିକା ସଂରକ୍ଷଣ ଅଧିକାରୀ / ଜିଲ୍ଲା କୃଷି ଅଧିକାରୀ/ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ ।

ଜ୍ଞାପକ ସଂଖ୍ୟା : 23701 /କୃଷି, ତାରିଖ 31|୮|୯୮

ଏହାର ଏକକିତା ନକଲ ଆକାଉଣ୍ଟାଣ୍ଟ ଜେନେରାଲ, ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା : 23702 /କୃଷି, ତାରିଖ 31|୮|୯୮

ଏହାର ଏକକିତା ନକଲ ଏହି ବିଭାଗର ସମସ୍ତ ଅଧିକାରୀ / ସମସ୍ତ ଉପ ବିଭାଗ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପ ଶାସନ ସଚିବ ।

ଜ୍ଞାପକ ସଂଖ୍ୟା : 23703 /କୃଷି, ତାରିଖ 31|୮|୯୮

ଏହାର ଏକକିତା ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନଙ୍କ ନିକଟକୁ ପ୍ରେରଣ କରାଗଲା । ଏହି ସଂକଳ୍ପକୁ ଓଡ଼ିଶା ଗେଜେଟ୍‌ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରାଯାଇ ମୁଦ୍ରିତ ସଂକଳ୍ପର 100 ନକଲ ଏହି ବିଭାଗକୁ ପଠାଇବା ନିମିତ୍ତ ତାଙ୍କୁ ଅନୁରୋଧ ।

ଉପ ଶାସନ ସଚିବ ।